# Akashvani, Sambalpur

# SAMBALPURI NEWS BULLETIN

## 17 July 2025- 6.47- 6.52 am.

***********************************************

ରାଜ୍ୟ କେବିନେଟ୍ ବୈଠକ୍          I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ କେବିନେଟ୍‌ର ୨୨ ନମ୍ବର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ବିଷେଥି ଆଲୋଚନା କରାଯିବାର୍ ସହେତେ ୧୧ଟା ବିଭାଗର୍ ୧୩ଟା ପ୍ରସ୍ତାବ୍‌କେ ଅନୁମୋଦନ୍ ମିଲିଛେ । ରାଜ୍ୟର ସହର୍ ମାନକର ବିକାଶ ଲାଗି ୪ ହଜାର ୮ ଶହ ୭୯ କୋଟି ଟଙ୍କା ବ୍ୟବ ବରାଦ, ପୁଲିସ୍‌ର ଜରୁରୀ ସେବା '୧୧୨'କେ ଆହୁରି ତୁର୍‌ତି କର୍‌ବାର୍ ଲାଗି ଟଙ୍କା ମଞ୍ଜୁର, ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ଫି' ଛାଡ଼,ଶକ୍ତି ବିଭାଗର୍ ପମ୍ପ୍‌ଡ ସଂରକ୍ଷଣ ପ୍ରକଳ୍ପ ନୀତି, ଓଡ଼ିଶା ସେମି କଣ୍ଡକ୍ଟର ଉପ୍ତାଦନ୍ ଆଉ ନୀତିକେ କେବିନେଟ୍‌ର ମଞ୍ଜୁରୀ ମିଲିଛେ । ବୈଠକ୍ ବାବ୍‌ଦେ ସୂଚ୍‌ନା ଦେଇକରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍...

(ଭଏସ୍ ଓଭର......ମୁଖ୍ୟ ଶାସନ ସଚିବ)

## ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ I&PR

ରାଜ୍ୟ ବିଶ୍ୱବିଦ୍ୟାଳୟ ମାନ୍‌କେ କୁଳପତି ନିଯୁକ୍ତି କ୍ଷେତ୍ରଥି କୁଳାଧିପତିଙ୍କର୍ କ୍ଷମତା ପରିସରକେ ବଢ଼ାଯିବା । ଇଥିର୍ ଲାଗି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ-୨୦୨୫ ଲାଗୁ କରାଯିବା । କୁଳାଧିପତି ନିୟମିତ୍ କୁଳିପତି ନିଯୁକ୍ତି ହେବାର୍ ତକ୍ କୁଳପତି ଭାବେ ଝନ୍‌କୁ ଇ ପଦ୍‌ବୀଥି ରଖି ପାର୍‌ବେ । କୁଳପତିଙ୍କର୍ କାର୍ଯ୍ୟକାଲ୍‌ର ସମିଆକେ ଭିଲ୍ ସ୍ଥିର୍ କରି ପାର୍‌ବେ । ଇ ବାବ୍‌ଦେ ଗଲାକାଏଲ୍ ରାଜ୍ୟ କେବିନେଟ୍ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

## ସୁଶାସନ୍ ଅଭ୍ୟାସ-ଜାତୀୟ ସମ୍ମିଳନୀ ପି.ଆଇ.ବି.

ସୁଶାସନ୍ ଅଭ୍ୟାସ୍ ବିଷୟବସ୍ତୁ ଉପ୍‌ରେ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ନ ୨ ଦିନିଆ ଜାତୀୟ ସମ୍ମିଳନୀ ମୁଲ୍ ହେବା । କେନ୍ଦ୍ର ପ୍ରଶାସନିକ୍ ସଂସ୍କାର୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହେବାର୍‌କେ ଥିବାର୍ ସମ୍ମିଳନୀକେ କେନ୍ଦ୍ର କାର୍ମିକ ଆଉ ସାଧାରଣ ଅଭିଯୋଗ୍ ରାଷ୍ଟ୍ରମନ୍ତ୍ରୀ ଡାକ୍ତର୍ ଜିତେନ୍ଦ୍ର ସିଂ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମିଶିକରି ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଉତ୍କର୍ଷତା ପୁରସ୍କାର୍ ତର୍‌ଫୁ ସ୍ୱିକୃତୀ ପାଇଥିବା ଭିନ୍ ଭିନ୍ କାମ୍ ମାନ୍‌କୁ

ଉପସ୍ଥାପନ୍ କରାଯିବା । ଇତାର୍‌ସହେତେ ଜିଲ୍ଲାପାଲ୍, କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ବରିଷ୍ଠ ଅଧିକାରୀମାନେ ନିଜର୍ ନିଜର୍ କ୍ଷେତ୍ରର୍ ଶ୍ରେଷ୍ଠ ଅଭ୍ୟାସ୍ ମାନ୍‌କୁ ଉପସ୍ଥାପନ୍ କର୍‌ବେ । ଇ ଅବ୍‌ସରେ ଭିନ୍ ଭିନ୍ ବିଷୟବସ୍ତୁକେ ନେଇକରି ୫ ଟା ଅଧିବେଶନ୍ ହେବା ।

ତୀର୍ଥଯାତ୍ରୀ ଯୋଜ୍‌ନା ପଞ୍ଜିକରଣ୍ I&PR

୨୦୨୫-୨୬ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଲାଗି ଆଏଜ୍‌ଠାନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଇଟା ଅଗଷ୍ଟ ୧୫ ତାରିଖ୍‌ତକ୍ ଚାଲ୍‌ବା । ପର୍ଯ୍ୟଟନ ବିଭାଗର୍ ସୂଚ୍‌ନା ଅନ୍‌ସାରେ, ଯୋଜ୍‌ନାଥି ବରିଷ୍ଠ ନାଗରିକମାନେ ଅଯୋଧ୍ୟା-ବାରାଣସୀ, ଉଜ୍ଜୟିନୀ-ଓମ୍‌କାରେଶ୍ୱର, ରାମେଶ୍ୱରମ୍-ମଦୁରାଇକେ ଯାତ୍ରା କର୍‌ବେ । ଖେପ୍ ଖେପ୍ କରି ତୀର୍ଥଯାତ୍ରୀମାନେ ରାଜ୍ୟର ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ରାୟଗଡ଼ା, ବାଲେଶ୍ୱର ସହରଠାନୁ ରେଲ୍ ଜରିଏ ତୀର୍ଥଯାତ୍ରାଥି ଯିବେ । ତୀର୍ଥଯାତ୍ରା ଲାଗି ଇଚ୍ଛୁକ ବରିଷ୍ଠ ନାଗରିକ୍‌ମାନେ yatra.odisha.gov.in ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଆବେଦନ୍ କରିପାର୍‌ବେ । ଇତାର୍ ସହେତେ ଜିଲ୍ଲା ଆଉ ବ୍ଲକ୍ ପ୍ରଶାସନ୍ ପାଖେ ଭିଲ୍ ଅଫ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ । ଅଏତ୍‌କା ସୂଚ୍‌ନା ଲାଗି

ପର୍ଯ୍ୟଟନ୍ ବିଭାଗ୍‌ର ୱେବ୍‌ସାଇଟ୍ dot.odisha.gov.in ଥି ଲଗ୍‌ଇନ୍ କରିପାରବେ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସ୍ନାତକ ସ୍ୱଟ୍ ଆଡ୍‌ମିସନ୍ ସମିଆ ବୃଦ୍ଧି I&PR

ଇ ବଛର୍ ସ୍ନାତକ ପାଠ୍ୟକ୍ରମ୍‌ଥି ସ୍ୱଟ୍ ନାଁ ଲେଖା ଲାଗି ସମୟ ସୀମାକେ ଆଏବା ୧୯ ତାରିଖ୍ ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସବୁ ବିଶ୍ୱବିଦ୍ୟାଳୟ ଆଉ କଲେଜ୍‌ମାନ୍‌କୁ ଚିଠି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଯୁକ୍ତ ୩ ପାଠ୍ୟକ୍ରମଥି ନାଁ ଲେଖା ଲାଗି ୨ ଲାଖ୍ ୭୪ ହଜାର ଶହେ ୫୩ଟା ସିଟ୍ ଥିବାର୍ ବେଲେ ଏବ୍‌ତକ୍ ୧ ଲାଖ୍ ୭୭ ହଜାର ଶହେ ୪୪ଟା ସିଟ୍‌ଥି ନାଁ ଲେଖା ସରିଛେ ।

ଓଡ଼ିଶା ବନ୍ଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟ୍‌ନାଥି ରାଜ୍ୟ ସରକାର କ୍ରାଇମ ବ୍ରାଂଚ୍ ତଦନ୍ତ ନିର୍ଦ୍ଦେଶ୍ ଦେଇଛନ୍ । ମହିଳା ଆଉ ଶିଶୁ ଅପରାଧ ନିରାକରଣ ଶାଖା ଆଇଜି ଏସ୍.ସାଇନଙ୍କର୍ ଦେଖ୍‌ରେଖ୍‌ଥି ଆଉ ଡିଏସ୍‌ପି ଇମାନ୍ କଲ୍ୟାଣ ନାୟକଙ୍କର୍ ନେତୃତ୍ୱଥି ଗୁଟେ ତଦନ୍ତକାରୀ ଦଲ୍ ଘଟ୍‌ନାର ତଦନ୍ତ କର୍‌ବେ ବଲି କ୍ରାଇମ ବ୍ରାଂଚ୍ ତର୍‌ଫୁ ସୂଚନା ଦିଆଯାଇଛେ ।

ସେଆଡ଼େ ଘଟ୍‌ନାକେ ନେଇକରି ଆଏଜ୍ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ ୧୨ ଘଂଟିଆ ଓଡ଼ିଶା ବନ୍ଦ ଡାକ୍‌ରା ଦିଆଯାଇଛେ । ଇତାକେ ନଜର୍‌ଥି ରଖିକରି ସାରା ରାଏଜେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ ।

ରାଜସ୍ୱ ମନ୍ତ୍ରୀ-ଝାରସୁଗୁଡ଼ା କାମ୍ ସମୀକ୍ଷା I&PR

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ ଗଲାକାଏଲ୍ ଝାରସୁଗୁଡ଼ା ଜିଲ୍ଲାର୍ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଭିନ୍ ଭିନ୍ ଉନ୍ନୟନ୍ କାମ୍‌ର ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି ଆଏବା ଜାନୁୟାରୀ ମାସ୍ ତକ୍ ଝାରସୁଗୁଡ଼ା ହୃଦ୍‌ରୋଗ ହସ୍ପିଟାଲ୍ କାର୍ଯ୍ୟକାରୀ କର୍‌ବାର୍, ପ୍ରସ୍ତାବିତ୍ ରବିଶଙ୍କର ମେଡିକାଲ କଲେଜ ଥାପ୍‌ନା, ପ୍ରସ୍ତାବିତ୍ ଲଖନ୍‌ପୁର ଆଇଟିଆଇ, ବେଲ୍ ପାହାଡ଼ ରେଲ୍ ଓଭର୍ ବ୍ରିଜ୍, ନିର୍ବାଚନ ମଣ୍ଡଳୀନ ହେବାର୍‌କେ ଥିବା ନୂଆ ଜଲ୍‌ସେଚନ୍ ପ୍ରକଳ୍ପ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ହୀରାକୁଦ ପର୍ଯ୍ୟଟନ ମାଷ୍ଟରପ୍ଲାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲା ହୀରାକୁଦ୍‌କେ ପର୍ଯ୍ୟଟନ୍ କ୍ଷେତ୍ରଥି ବର୍‌କସ୍ କର୍‌ବାର୍ ଲାଗି ହୀରାକୁଦ୍ ମାଷ୍ଟର୍ ପ୍ଲାନ୍ ପ୍ରକଳ୍ପଥି ଏରାଇଭାଲ୍ ପ୍ଲାଜା ସହେତେ ଅଲ୍‌ଗା କେତେଟା ନିର୍ମାଣ ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ୍ ତର୍‌ଫୁ ଟେଣ୍ଡର ଡକାଯାଇଛେ । ସେଆଡ଼େ ହୋଟେଲ ଆଉ ରିସର୍ଟ ତିଆର୍ ଲାଗି ବଡ଼ ବଡ଼ କମ୍ପାନୀମାନ୍‌କୁ ଜାଗା ଦେବାର୍‌କେ ଜମି ଚିହ୍ନଟ୍ ପ୍ରକ୍ରିୟା ଭିଲ୍ ମୁଲ୍ ହେଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍, ହୀରାକୁଦ୍ ମାଷ୍ଟର୍ ପ୍ଲାନ୍‌କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ସରକାର ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର ତୟାରି ଚାଲିଛେ ।

ସାହାଣୀ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୬୪ ନମ୍ବର ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍-୨୦୨୫ ସାହାଣୀ କପ୍‌ଥି ଗଲାକାଏଲ୍ ରାଜ୍ୟର୍ ୪ଟା ଜୋନ୍ ନ ଖେଲ୍ ମୁଲ୍ ହେଇଛେ । ପହେଲା ଦିନେ ୮ଟା ମେଚ୍ ଖେଲା ଯାଇଥିଲା । ଭିନ୍ ଭିନ୍ ଜୋନ୍ ନ ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, ଭଦ୍ରକ, ଆର୍‌ଏସ୍‌ପି, କେନ୍ଦୁଝର ଆଉ ଭୁବନେଶ୍ୱର ଦଲ୍ ଇଥି ଜିତିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ଶନିବାର୍ ଦିନ୍‌ତକ୍ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ୨୩ଟା ଜିଲ୍ଲା ନ ଘଡ଼ଘଡ଼ି ଆଉ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।